### କନ୍ଧମାଳ ପୁଲିସକୁ ଆଉ ଏକ ସଫଳତା

# ଆତ୍ମସମର୍ପଣ କଲେ ୪ ମାଓବାଦୀ; ବୌଦ୍ଧ ଜିଲ୍ଲା ମାଓମୁକ୍ତ ଘୋଷିତ








**ଫୁଲବାଣୀ,୬।୨(ସମିସ):** ମାଓମୁକ୍ତ କନ୍ଧମାଳ ଜିଲ୍ଲା ଲକ୍ଷ୍ୟ ହାସଲ ଦିଗରେ ପୁଲିସକୁ ମିଳିଛି ଆଉ ଏକ ସଫଳତା। ୪ ମାଓବାଦୀ ଆଜି କନ୍ଧମାଳ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ମହିଳା କ୍ୟାଡର। ଆତ୍ମସମର୍ପଣ କରିଥିବା ମାଓବାଦୀ ହେଲେ ଛତିଶଗଡ଼ ସୁକ୍‌ମା ଜିଲ୍ଲା କୁନ୍ଦନପାଲ ପଞ୍ଚାୟତ ପାଣ୍ଡୁପଡା ଗ୍ରାମର ଗଙ୍ଗା କୁଞ୍ଜାମୀ ଓରଫ ଜିତେନ, ବାଟୁମଗାଁର ମୁଚାକି ମାସେ ଓରଫ ସସ୍ମିତା, ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ମେଟାପାଲ ଗ୍ରାମର ଚୋମାଲି କୁଞ୍ଜାମ ଓରଫ ସାନ୍ତିଲା ଏବଂ ଦାନ୍ତେୱାଡ଼ା ଜିଲ୍ଲା ଆରନପୁର ଥାନା ପୋଟାଲୀ ଗ୍ରାମର ବାନ୍ଦି ମାଡଭୀ ଓରଫ ମାଳତୀ। ସେମାନେ ସମସ୍ତେ କେକେବିଏନ ଡିଭିଜନର ସଦସ୍ୟ।

ସ୍ଥାନୀୟ ପୁଲିସ ରିଜର୍ଭରେ ଗୁରୁବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅସ୍ତ୍ରଶସ୍ତ୍ର ସହିତ ପୁଲିସ ନିକଟରେ ସେମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ୨୦୧୮ ରେ ଲାଲବାହିନୀରେ ସାମିଲ ହୋଇ ପ୍ରଥମେ ଛତିଶଗଡ଼ରେ କାମ କରିବା ପରେ ପରବର୍ତ୍ତୀ ସମୟରେ କେକେବିଏନ ସଂଗଠନରେ ଯୋଗ ଦେଇଥିଲେ। ସେମାନ ଗୋଛାପଡା, ବାଲିଗୁଡା, ତୁମୁଡିବନ୍ଧ ଥାନା ଅଞ୍ଚଳରେ ବିଭିନ୍ନ ମାଓହିଂସାରେ ସାମିଲ ଥିବା ଅଭିଯୋଗ ରହିଛି। ଆତ୍ମସମର୍ପଣ ସମୟରେ ମାଓବାଦୀ ଏସଏଲଆର ରାଇଫଲ, ୩୦୩ ରାଇଫଲ, ୧୨ ବୋର ବନ୍ଧୁକ, ବହୁ ପରିମାଣର ଗୁଳି ସହିତ ଅନ୍ୟାନ୍ୟ ମାଓ ସାମଗ୍ରୀ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଛନ୍ତି।

ରାଜ୍ୟ ପୁଲିସର ବାରମ୍ବାର ଅପିଲ ସାଙ୍ଗକୁ ମାଓ ସଂଗଠନର ଆଦର୍ଶ ପ୍ରତି ମୋହଭଙ୍ଗ ଏବଂ ନେତୃତ୍ୱହୀନତା ଆତ୍ମସମର୍ପଣ ପାଇଁ ପ୍ରେରିତ କରିଥିବା ପ୍ରକାଶ କରିଛନ୍ତି ୪ ମାଓବାଦୀ। ସରକାରଙ୍କ ଥଇଥାନ ଯୋଜନା ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର କହିଛନ୍ତି। ଏହି ଅବସରରେ ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ମାଓମୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଆଇଜି। କନ୍ଧମାଳ ଜିଲ୍ଲା ମଧ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି ଏବଂ ଖୁବ୍‌ଶୀଘ୍ର ଜିଲ୍ଲା ମାଓମୁକ୍ତ ଘୋଷିତ ହେବ ବୋଲି ପ୍ରକାଶ କରିଛନ୍ତି ନିତି ଶେଖର। ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ଏସ୍‌ପି ହରିଶ ବି ସି, ୧୩୬ ବିଏସ୍‌ଏଫ୍ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା, ୧୨୭ ସିଆରପିଏଫ କମାଣ୍ଡାଣ୍ଟ ସଞ୍ଜୀବ ଟି ଏମ, ୧୧୬ ବିଏସଏଫ କମାଣ୍ଡାଣ୍ଟ ଅଜୟ କୁମାର, କନ୍ଧମାଳ ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ ଏବଂ ପ୍ରୋବସନର ଆଇପିଏସ ଟି ଶ୍ରୀନିବାସୁଲୁ ଉପସ୍ଥିତ ଥିଲେ।

ସେପଟେ ମାଓ ନେତା ଗଣେଶଙ୍କ ନିଧନ ପରେ ନେତୃତ୍ୱବିହୀନ ହୋଇଯାଇଛି ମାଓ ସଂଗଠନ। ଏଭଳି ସ୍ଥିତିରେ ଆତ୍ମସମର୍ପଣ ହିଁ ଏକ ମାତ୍ର ବିକଳ୍ପ ବୋଲି କହି ଅନ୍ୟ ସାଥୀ ସଦସ୍ୟଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ ଦେଇଛନ୍ତି ଆତ୍ମସମର୍ପଣ କରିଥିବା ମାଓ ସଦସ୍ୟ ଗଙ୍ଗା କୁଞ୍ଜାମି ଓରଫ ଜିତେନ।

## ଫୁଲବାଣୀ ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ



**ଫୁଲବାଣୀ,୬।୨(ସମିସ):** ଫୁଲବାଣୀ ଜିଲ୍ଲା ଦୌରାଜଜ୍ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ମିଳିଛି ଧମକ। ଜିଲ୍ଲାଜଜ୍‌ଙ୍କ ପାଖକୁ କୌଣସି ଦୁର୍ବୃତ୍ତ ଇ-ମେଲ୍ ଯୋଗେ ଏପରି ଧମକ ଦେବା ଜଣାପଡ଼ିବା ପରେ କୋର୍ଟ ପରିସର ଏବଂ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ସୂଚନା ଅନୁଯାୟୀ, ଗୁରୁବାର କୋର୍ଟ କାର୍ଯ୍ୟ ଆରମ୍ଭ ହେବାର ୧୦/୧୫ମିନିଟ୍ ପରେ ଏହି ବୋମା ଧମକ ଆସିଥିଲା। ଜିଲ୍ଲାଜଜ୍ ଏ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀଙ୍କୁ ତୁରନ୍ତ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ବମ୍‌ସ୍କ୍ୱାଡ ଓ ଡଗ୍‌ସ୍କ୍ୱାଡ ପହଞ୍ଚି ଛାନବିନ କରୁଛନ୍ତି। ଏଥିଯୋଗୁଁ କୋର୍ଟର ସମସ୍ତ କାର୍ଯ୍ୟ ବନ୍ଦ ରହିଛି। କୋର୍ଟ ପରିସର ପୁଲିସ ଛାଉଣୀରେ ପରିଣତ ହୋଇଛି। ବୋମା ତଲାସୀ ଜୋରଦାର କରାଯାଇଥିବାବେଳେ ବୋମାର କୌଣସି ସନ୍ଧାନ ମିଳିନାହିଁ।

**ବମ୍ ସ୍କ୍ୱାଡ୍‌ର ଛାନବିନ୍ ଜାରି**

## ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

**ବୁଗୁଡା,୬।୨(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମସ୍ଥ ତେଲୁଗୁ ସାହିର ଏକ ବନ୍ଦ ଘରୁ ଜନୈକା ମହିଳାଙ୍କ ଝୁଲନ୍ତା ଶବକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଲାଛମି ଦୋରା।(୩୦)। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ଗତ ଗୁରୁବାର ଅପରାହ୍ନରେ ଲାଛମିଙ୍କ ଝିଅ ସ୍କୁଲରୁ ଘରକୁ ଫେରି କବାଟ ବାଡ଼େଇଥିଲା। ମାତ୍ର ନଖୋଲିବାରୁ ସେ ଘର ପଛପଟୁ ଭିତରକୁ ପ୍ରବେଶ କରି ମା'ଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପତ୍ନୀ ବିୟୋଗର ୨୫ ଦିନ ପରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ମୃତ୍ୟୁ



**ଛତ୍ରପୁର,୬।୨(ସମିସ):** ପତ୍ନୀଙ୍କ ବିୟୋଗର ମାସେ ନପୁରୁଣୁ ସ୍ୱାମୀ ତଥା ଛତ୍ରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭଗବାନ ବେହେରା(୮୬)ଙ୍କ ମୃତ୍ୟୁ ଘଟିଛି। ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା(୬୫)ଙ୍କ ଗତମାସ ୧୨ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କ ଦ୍ୱାଦଶାହ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ସମ୍ପନ୍ନ ପରେ ପରିବାର ପରିଜନ ଭିଡ଼ରେ ସରସ୍ୱତୀଙ୍କ ମୃତ୍ୟୁର ଦୁଃଖରୁ ବାହାରି ନଥିବାବେଳେ ଭଗବାନଙ୍କ ମୃତ୍ୟୁ ଘଟିଛି। ପତ୍ନୀକୁ ଝୁରୁ ଝୁରି ଅସୁସ୍ଥ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ ଘଟିଥିବାବେଳେ ସ୍ତ୍ରୀର ଯେଉଁଠି ଅନ୍ତିମ ସଂସ୍କାର ହୋଇଥିଲା ସେଇଠି ହିଁ ଭଗବାନଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଛତ୍ରପୁର ବ୍ଲକ ବଡ଼ମାଧପୁର ଗ୍ରାମରେ ଏଭଳି ଏକ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ୨୫ ଦିନ ମଧ୍ୟରେ ମା' ଓ ବାପାଙ୍କୁ ହରାଇଥିବା ପୁତ୍ର ନାରାୟଣ ବେହେରା ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

ଗୁରୁବାର ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଆଇନଜୀବୀ ତଥା ୟୁରୋ ସ୍କୁଲର ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍.କିଶୋର ରେଡ୍ଡୀ, ସରପଞ୍ଚ ଅର୍ଚ୍ଚନା ସେଠୀ, ବ୍ଲକ ଉପାଧ୍ୟକ୍ଷ ଏସ୍.ସାରଦା ରେଡ୍ଡୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ପୂର୍ବତନ ସରପଞ୍ଚ ଶରତ ଖୁଣ୍ଟିଆ, ଦୁର୍ଯ୍ୟୋଧନ ପରିଡା, ବନୋଜ ନାହାକ, ଶିବରାମ ସେଠୀ, କଂଗ୍ରେସ ନେତା ଅଶୋକ ପଟ୍ଟନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ଓ ବଡମାଧପୁର ପଞ୍ଚାୟତର ବହୁ ଜନସାଧାରଣ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁଅ ନାରାୟଣ ବେହେରା ମୁଖାଗ୍ନି ଦେଇଥିଲେ।

### ବାସନାପଲ୍ଲୀ ସାମାଜିକ ବାସନ୍ଦ ଘଟଣା

## ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ତୁଟିଲା ବିବାଦ



**ଛତ୍ରପୁର,୬।୨(ସମିସ):** ଦୀର୍ଘଦିନ ଧରି ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମରେ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଏନେଇ ଖବର ପ୍ରସାରଣ ପରେ ଥାନା ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି।

ପ୍ରକାଶ ଯେ, ଗତବର୍ଷ ନଭେମ୍ବରରେ ବାସନାପଲ୍ଲୀ ଗ୍ରାମର ପି. ନାରାୟଣ ରେ‡ୀଙ୍କୁ ଚିଟ୍‌ଫଣ୍ଡ ପଇସାକୁ କେନ୍ଦ୍ର କରି ସାମାଜିକ ବାସନ୍ଦ କରାଯାଇଥିଲା। ଏନେଇ ଛତ୍ରପୁର ଥାନା ପରିସରରେ ଶୁକ୍ରବାର ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ବାସନାପଲ୍ଲୀ ଗ୍ରାମବାସୀ ଓ ପି. ନାରାୟଣଙ୍କୁ ଡାକି ସମାଧାନ କରିଥିଲେ। ଥାନାଧିକାରୀଙ୍କ ସମ୍ମୁଖରେ ନାରାୟଣଙ୍କ ସହ ମିଶି ରହିବେ ଏବଂ ସାମାଜିକ ବାସନ୍ଦ ଉଠାଇବାକୁ ଗ୍ରାମବାସୀ ରାଜି ହୋଇଥିଲେ। ଗତ ୨୦୨୩ ଅକ୍ଟୋବରରେ ଗ୍ରାମର କିଛି ମହିଳା ନାରାୟଣଙ୍କ ଘରେ ଏକତ୍ରିତ ହୋଇ ବାନ୍ଧିଥିବା ଚିଟି ପଇସା ଉଠାଇବାକୁ ବସିଥିବା ବେଳେ ଗ୍ରାମର ବନ୍ଦନା ଚୌଧୁରୀ ସେହି ଟଙ୍କାରୁ ୧୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ସେ ଟଙ୍କା ନ ଦେବାରୁ ନାରାୟଣଙ୍କ ଘରୁ ହିଁ ବନ୍ଦନା ଚୌଧୁରୀ ଟଙ୍କା ନେଇଥିବାରୁ ନାରାୟଣଙ୍କ ପରିବାରକୁ ଗ୍ରାମବାସୀ ଟଙ୍କା ମାଗିବା ସହିତ ଘର ସମ୍ମୁଖରେ ଝଗଡ଼ା କରିଥିଲେ। ଏନେଇ ପି. ନାରାୟଣ ଟଙ୍କା ଦେବାକୁ ମନା କରିବା ସହିତ ଝଗଡ଼ା କରିଥିଲେ। ପରେ ଉଭୟ ଗ୍ରାମବାସୀ ଓ ପି. ନାରାୟଣଙ୍କ ପରିବାର ପକ୍ଷରୁ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ୨୦୨୫ ନଭେମ୍ବର ଠାରୁ ଗ୍ରାମବାସୀ ନାରାୟଣ ପରିବାରକୁ ସାମାଜିକ ବାସନ୍ଦ କରିଥିଲେ। ତେବେ ପୁଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ଘଟିଛି। ବୈଠକରେ ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରାଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

## ୮ ରେ ସିଏମ୍ କପ୍ ଫୁଟ୍‌ବଲ୍ ଚୟନ ଶିବିର

**ବ୍ରହ୍ମପୁର,୬।୨(ସମିସ):** ସିଏମ କପ୍ ଫୁଟବଲ ଚାମ୍ପିଅନ୍‌ସିପ ୨ୟ ସଂସ୍କରଣ ନିମନ୍ତେ ଉଭୟ ବାଳକ ଓ ବାଳିକା ଅନ୍ତଃ ୧୪ବର୍ଷୀୟ ଖେଳାଳିଙ୍କୁ ସୁଯୋଗ ମିଳିବ। ଆଗ୍ରହୀ ଖେଳାଳି ଚଳିତ ମାସ ୮ ତାରିଖରେ ନିଜ କିଟ୍ ଓ ବୟସ ପ୍ରମାଣ ପତ୍ର(ଆଧାର କାର୍ଡ ଓ ଜନ୍ମ ପଞ୍ଜିକରଣ ଜେରକ୍ସ) ସହ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ କୁହାଯାଇଛି। ଶିବିରରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିଙ୍କ ବୟସ ସୀମା ୧ଜାନୁଆରୀ ୨୦୧୨ମସିହା ଠାରୁ ୩୧ ଡ଼ିସେମ୍ବର ୨୦୧୪ମସିହା ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## କାର୍ ଧକ୍କାରେ ବୃଦ୍ଧ ମୃତ

**ବେଲଗୁଣ୍ଠା,୫।୨(ସମିସ):** ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ଶାସନ ଗ୍ରାମରେ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶାସନ ଗ୍ରାମର ତ୍ରିନାଥ ନାୟକ (୬୫)। ଏନେଇ ତ୍ରିନାଥଙ୍କ ଝିଅ ସୁମିତ୍ରା ବେହେରା ଗାଙ୍ଗପୁର ଥାନାରେ ଏତାଲା ଦେଇଛନ୍ତି। ସୁମିତ୍ରାଙ୍କ ଏତଲା ପ୍ରକାରେ ତ୍ରିନାଥ ଶୁକ୍ରବାର ପୂର୍ବାହ୍ନରେ ଗ୍ରାମର ଶିବ ମନ୍ଦିର ଆଗରେ ବସିଥିଲେ। ସେହି ସମୟରେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶୋୟୀଙ୍କ କାର୍ ତ୍ରିନାଥଙ୍କୁ ଧକ୍କା ଦେଇଥିଲା। ଫଳରେ ତ୍ରିନାଥ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଞ୍ଜନଗର ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଏସ୍‌ଆଇ ଅଜୟ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଶିକ୍ଷକ ମୃତ; ଭାଇ ଗୁରୁତର

**ପାତ୍ରପୁର, ୬।୨(ସମିସ):** ଟାମଣା ନିକଟରେ ଏକ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ଶିକ୍ଷକଙ୍କ ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜରଡ଼ା ଗ୍ରାମର ସୁବ୍ରତ କୁମାର ପଣ୍ଡା (୩୦) ଓ ଆହତ ଜଣକ ହେଲେ ତାଙ୍କ ବଡ଼ଭାଇ ସଞ୍ଜୟ ପଣ୍ଡା। ଦୁଇଭାଇ କୌଣସି କାମରେ ବ୍ରହ୍ମପୁର ଯାଇ ଗ୍ରାମକୁ ଫେରିବାବେଳେ ଏକ ଗାଈ ବାଇକ୍ ସମ୍ମୁଖକୁ ଆସିଯାଇଥିଲା। ଗାଈକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସୁବ୍ରତ ରାସ୍ତା କଡ଼କୁ ଛିଟିକି ପଡ଼ିଥିବାବେଳେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ସଞ୍ଜୟଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି। ସୁବ୍ରତଙ୍କ ମୃତ୍ୟୁ ଖବର ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ସୂଚନା ଯୋଗ୍ୟ ଯେ, ସୁବ୍ରତ ପାତ୍ରପୁର ବ୍ଲକରେ ଶିକ୍ଷକତା କରୁଥିଲେ। ଆସନ୍ତା ୧୦ ତାରିଖରେ ବଡ଼ଭାଇ ସଞ୍ଜୟ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତେ।

## ବ୍ରାଉନ୍‌ସୁଗର୍ କାରବାରରେ ୩ ଗିରଫ

**ବ୍ରହ୍ମପୁର,୬।୨(ସମିସ):** ବ୍ରାଉନ୍‌ସୁଗର କାରବାରରେ ସଂପୃକ୍ତି ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରଘୁପତିନଗର ୩ୟ ଲାଇନ୍‌ର ଓମ ଦାସ(୨୧), କୁକୁଡ଼ାଖଣ୍ଡି ମୁଖ୍ୟରାସ୍ତାର ଶିବଶଙ୍କର ପଲେଇ(୨୩) ଓ ତଲେଙ୍ଗାସାହିର ଆକାଶ ହାତୀ(୨୫)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ବ୍ରାଉନ୍‌ସୁଗର ସମେତ ନଗଦ ୬୬ଶହ ଟଙ୍କା, ୪ଟି ମୋବାଇଲ, ସ୍କୁଟି, ଗୋଟିଏ ଛୁରି ଆଦି ଜବତ କରିଛି। ସୂଚନାଥାଉକି, ଶୁକ୍ରବାର ସନ୍ଧ୍ୟାରେ ବଡ଼ବଜାର ଥାନା ଏସ୍‌ଆଇ ସସ୍ମିତା ବେହେରା ଓ ତାଙ୍କ ଟିମ୍ ତଲମେଣ୍ଟୁ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଆଇନାବନ୍ଧ ନିକଟରେ ୩ ଜଣ ଯୁବକ କୌଣସି ଯୋଜନା କରୁଥିବା ସୂଚନା ପାଇ ପହଞ୍ଚିବାରୁ ଏକାଧିକ ଯୁବକ ଚମ୍ପଟ ମାରିଥିଲେ। ମାତ୍ର ୩ ଜଣଙ୍କୁ ପୁଲିସ କାବୁ କରିନେଇଥିଲା। ପଚରାଉଚରାବେଳେ ଅଭିଯୁକ୍ତମାନେ ସେଠାରେ ବ୍ରାଉନସୁଗର ଖାଉଥିବା ସ୍ୱୀକାର କରିଥିଲେ। ମୁଖ୍ୟ ଅଭିଯୁକ୍ତ ପ୍ରେମ୍ ବ୍ରାଉନସୁଗର କାରବାରରେ ସଂପୃକ୍ତ ଥିବା ବେଳେ ଶିବଶଙ୍କର ଓ ଆକାଶ ତାକୁ ସହଯୋଗ କରୁଥିବା କହିଥିବା ପୁଲିସ ସୂଚନା ଦେଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହାଣିଲେ

**ବ୍ରହ୍ମପୁର,୬।୨(ସମିସ):** ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାତ୍ମକ ଆକ୍ରମଣ ହୋଇଛି। ଗୁରୁତର ଯୁବକ ଜଣଙ୍କ ଫୁଲଟା ଗ୍ରାମର ବୃନ୍ଦାବନ ପ୍ରଧାନ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପ୍ରକାଶ ଯେ, ବୃନ୍ଦାବନ ଶୁକ୍ରବାର ସନ୍ଧ୍ୟାରେ କାମସାରି ଘରକୁ ଫେରିଲା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ରାସ୍ତାରେ ଅଟକାଇ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ୨ରୁ ୩ଜଣ ଯୁବକ ମିଶି ଖଣ୍ଡାରେ ତାଙ୍କୁ ଆକ୍ରମଣ କରିବା ପରେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ପଠାଇଥିଲେ।

## ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଶେରଗଡ଼,୬।୨(ସମିସ):** ଶେରଗଡ ସଦର ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ଠାରେ ରାଜବଂଶ କ୍ରିକେଟ କ୍ଲବ ପକ୍ଷରୁ ଏକ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ବିଧାୟକଙ୍କ ହିଞ୍ଜିଳିକାଟୁ ନଗର ପ୍ରତିନିଧି ପ୍ୟାରୀମୋହନ ପାଢୀ, ଶେରଗଡ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ଦିବାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହିତ କରମର୍ଦ୍ଦନ କରିବା ପରେ ଖେଳ ଆରମ୍ଭ ହୋଇଥିଲା।



ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଦିନରେ ବଡ଼ଗଡ଼ ପ୍ରିନ୍ସ କ୍ରିକେଟ କ୍ଲବ ସହିତ ହିଞ୍ଜିଳିକାଟୁ ଈଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଡ଼ଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଜବାବରେ ଈଗଲ କ୍ରିକେଟ କ୍ଲବ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୮ ରନ କରିବା ସହ ପରାଜୟ ବରଣ କରିଥିଲେ। ବିଜୟୀ ବଡ଼ଗଡ଼ ଦଳର ଲକ୍ଷ୍ମଣଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ରାଜବଂଶ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପିସ୍ତଲ ଜବତ; ଦୁଇ ଗିରଫ

**ଧରାକୋଟ,୬।୨(ସମିସ):** ଧରାକୋଟ ଥାନା ଇଲାକାର ଢ଼ଉଗାଁ ପେଟ୍ରୋଲ ପମ୍ପ ନିକଟରେ ବନ୍ଧୁକ କିଣା ବିକା କଥା ବେଳେ ଧରାପଡ଼ିଲେ ଦୁଇ ଦୁର୍ଦ୍ଧାନ୍ତ ଅପରାଧୀ। ଗୁରୁବାର ସନ୍ଧ୍ୟାରେ ଧରାକୋଟ ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଲା ଯେ, ଦୁଇ ଜଣ ଯୁବକ ବନ୍ଧୁକ କିଣାବିକା ବିଷୟରେ କଥା ହେଉଛନ୍ତି। ସଂଗେ ସଂଗେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସୁସ୍ମିତା ପଣ୍ଡା ଓ ଅତିରିକ୍ତ ଆଇଆଇସି ଅଞ୍ଜଳି ବେହେରା ଏକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଆସିକା ଥାନା ଇଲାକାର ଗୁଣ୍ଡପଡା ଗ୍ରାମର ଉମେଶ ପାତ୍ର ଓ ନଳବଣ୍ଟା ଗ୍ରାମର ଅମର କୁମାର ସାହୁଙ୍କୁ କାବୁ କରି ତଦନ୍ତ ବେଳେ ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଦୁଇଟି ଗୁଳି ଏବଂ ଏକ ମୋବାଇଲ ଜବତ କରିଥିଲେ। ବେଆଇନ ବନ୍ଧୁକ କିଣାବିକା ଘଟଣାରେ ଜଣଙ୍କୁ ଧରାକୋଟ ଥାନା କେସ୍ ନଂ.୬୧/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ଜଣାଯାଇଛି।




# ସିପିଆଇ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରଉ

**ଖଲ୍ଲିକୋଟ,୬।୨(ସମିସ):** କେନ୍ଦ୍ର ସରକାରଙ୍କ ଘୋଷିତ ଏମ୍‌ଏସ୍‌ପି ପ୍ରକାରେ କଟ୍‌ନୀ ଛଟ୍‌ନୀ ବନ୍ଦ୍ କରି ଚାଷୀଙ୍କ ଧାନ କ୍ରୟ କରିବା, ପ୍ରଦୂଷଣ ଆଳରେ ଯାନବାହନରୁ ଫାଇନ୍ କାଟିବା ବନ୍ଦ, ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ୍ ବିଜୁଳି ମାଗଣାରେ ପ୍ରଦାନ କରିବା ଇତ୍ୟାଦି ୧୨ ଦଫା ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ଖଲ୍ଲିକୋଟ ତହସିଲ୍ କାର୍ଯ୍ୟାଳୟ ଘେରଉ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଭୋଗ କରୁଥିବା ସମସ୍ୟା, ଯଥା ଦଖଲ ଜମିର ପଟ୍ଟା, ବାସହୀନଙ୍କୁ ଘରଡିହ ପଟ୍ଟା, ସେଟେଲମେଣ୍ଟ ଅଧିକାରୀଙ୍କ ଭୁଲ୍ ଯୋଗୁ ରୟତ ଜମି ସରକାରୀ ଖାତାକୁ ଚାଲିଯାଇଥିବା ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖଲ୍ଲିକୋଟ ମେଡିକାଲ ଛକଠାରୁ ସିପିଆଇର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସିପିଆଇର ଅଞ୍ଚଳ ସମ୍ପାଦକ ସୀମାଞ୍ଚଳ ବେହେରାଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ସିପିଆଇ ସମ୍ପାଦକ ସାଥୀ ଶ୍ରୀହର୍ଷ ରଥ ଜନଦାବି ସଂପର୍କରେ ଉଦବୋଧନ ଦେଇଥିଲେ। ପାର୍ଟିର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ସାଥୀ ଦୁର୍ଗା ଚରଣ ପାତ୍ରଙ୍କ ସହିତ ବିକେଏମ୍‌ୟୁ ଜିଲ୍ଲା ସଭାପତି ସାଥୀ ରଘୁନାଥ ଗୌଡ଼, ବିଦ୍ୟାଧର ବେହେରା, କନ୍ଧ ପ୍ରଧାନ, ଲକ୍ଷ୍ମୀ ପାଣିଗ୍ରାହୀ, ସନ୍ତୋଷ ଦଳାଇ, ଗୁରୁଦେବ ଜାନୀ ପ୍ରମୁଖ ଉପସ୍ଥିତ ରହି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଡିମିରିଆ ସରପଞ୍ଚ ପ୍ରତିନିଧି ତଥା ଯୁବନେତା ମନୋଜ କୁମାର ଗଉଡ଼ ଏବଂ ରାଜେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ||



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)
ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬
ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

ହ‌େ ଲ କ ର୍ପ ଙ୍କ ବହେଲ୍ଲାଭବମ େ ଣୀ ।ମତ୍ୟୁ ଟଣା

# ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପରିବାର

ତୁମୁଡ଼ିବନ୍ଧ,୬ା୨(ସମିସ)

ତୁମୁଡ଼ିବନ୍ଧ ବ୍ଲକ୍ ବେଲଘର ସରକାରୀ ଆଶ୍ରମ ବିଦ୍ୟାଳୟ ଜଣେ ଅନ୍ତେବାସୀ ନବମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। ଆଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗଇ ଛାତ୍ରର ମୃତ୍ୟୁ ଘଟିଥିବା ଅଭିଯୋଗ କରି ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଛାତ୍ରଙ୍କ ପରିବାର।

## ପରିବାରକୁ ନ୍ୟାୟ ପ୍ରଦାନ ଦାବି କଲା ବିଜେଡି



ସୂଚନା ମୁତାବକ, ମୁଣ୍ଡିଗଡ଼ ପଞ୍ଚାୟତ ଗୁଟଖାପଦର ଗାଁର କୁବେର ପାତ୍ର ବେଲଘର ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଅନୁସୂଚିତ ଜନଜାତି ଓ ଜାତି ଆଶ୍ରମରେ ରହି ନବମ ଶ୍ରେଣୀରେ ପାଠ ପଢୁଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ଗତମାସ କୁବେରର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସତ୍ତ୍ୱେ କୌଣସି ଚିକିତ୍ସା ନ କରି ହଷ୍ଟେଲରେ ରଖିଥିଲେ। ଏପରିକି ପରିବାର ଲୋକଙ୍କୁ ମଧ ଖବର ଦେଇନଥିଲେ। କୁବେରର ମା' ଦେଖା କରିବାକୁ ଯାଇଥିବା ବେଳେ ପୁଅର ସ୍ୱାସ୍ଥ୍ୟବସ୍ଥା ଗୁରତର ଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇ ଡାକ୍ତରଖାନା ନେଇଥିଲେ। ପରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରର ମୃତ୍ୟୁ ହୋଇଥିଲା। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୁଅ କୁବେରର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବିଧାୟକ ଚକ୍ରମଣି କହଁର ଓ ବିଜେଡି ଜିଲ୍ଲା ଉପ ସଭାପତି ଟୁନା ଦାସ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ କରି ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି।

## ଗଛରେ ପିଟି ହେଲା କାର୍; ଜଣେ ମୃତ



ଟିକାବାଲି,୬ା୨(ସମିସ): ଟିକାବାଲି ଥାନା ଶଙ୍କରାଖୋଲ ନିକଟସ୍ଥ ସାନ୍ଦୀଜାର୍ଗୀରେ ରାସ୍ତାରେ ଥିବା ଏକ ଗାଈକୁ ବଞ୍ଚାଇବାକୁ ଯାଇ ଏକ କାର୍ ଗଛରେ ପିଟି ହେବାରୁ କଇଁଝର ପଞ୍ଚାୟତ ପିପୁଡ଼ିଦାଇ ଗ୍ରାମର ବିବେକାନନ୍ଦ ନାୟକଙ୍କ ମୃତ୍ୟୁ ଘଟିଛି। ବିବେକାନନ୍ଦ ତାଙ୍କ କାର୍‌ରେ ନିଜ ଗ୍ରାମରୁ ଶଙ୍କରାଖୋଲ ଯାଉଥିଲେ। ସାନ୍ଦୀଜାର୍ଗୀ ନିକଟରେ ହଠାତ୍ ଏକ ଗାଈ ରାସ୍ତା ମଝିକୁ ଚାଲିଆସିବାରୁ ତାକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇବାରୁ କାର୍‌ଟି ରାସ୍ତା କଡ଼ ଗଛରେ ଜୋର୍‌ରେ ପିଟି ହୋଇଯାଇଥିଲା। ଏଥିରେ ବିବେକାନନ୍ଦ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଟିକାବାଲି ପୁଲିସକୁ ଅବଗତ କରାଯାଇଥିଲା।

## କେରେଡାଙ୍ଗ ପିଏମଶ୍ରୀ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ




ନୂଆଗଡ,୬ା୨(ସମିସ): ନୂଆଗଡ଼ ବ୍ଲକ କେରେଡାଙ୍ଗ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଜାନସବିର ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ, ମୁଖ୍ୟବକ୍ତା ଯାଦବ ଶବର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ମଙ୍ଗଳ ଅଧିକାରୀ ସତ୍ୟଜିତ ମହାନ୍ତି, ଅତିଥି ଭାବେ ବଡପଦା ଉଚ୍ଚ ମାଧ୍ୟମିକ ହାଇସ୍କୁଲର ପ୍ରଧାନଶିକ୍ଷକ ବଳରାମ ଗମାଙ୍ଗ, ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ପୂଜାରୀ, ସମିତିସଭ୍ୟା କନ୍ଧୁଣି ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷ୍ପାଲତା କାମରା, ବିଦ୍ୟାଳୟ ସଭାପତି ଗୋବିନ୍ଦ ପାଇକ ଏବଂ ସିଆରସିସି ଚନ୍ଦ୍ରସେନ ପାଣି ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ଆଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ତାପସ କୁମାର ନାୟକ, ଟି ବିଡ଼ିକି, ହୁମା ପ୍ରଧାନ, ଈଶ୍ୱର ରାଓ, ବାଥୁଆଲ ଦଳବେହେରା, ସୌମ୍ୟରଞ୍ଜନ ମଲ୍ଲିକ, ସବିତା ଦଳବେହେରା, ସୁଲୋଚନା ଭୂୟାଁ, ରଞ୍ଜିତ ମାଳି, ଇସାଦତ ଲିମା, ଋଷିଆ କାର୍ଜି, ତରଙ୍ଗ ଭୂୟାଁ, ସୁଦାମ ଦଳାଇ, ବିନାୟକ ଗମାଙ୍ଗ ସହଯୋଗ କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଏକାଡେମୀ ଆୱାଡର୍ ଅର୍ଚ୍ଚିତା ପଲେଇ ଓ ରୁଦ୍ର ପ୍ରସାଦ କାର୍ଯୀ, ବେଷ୍ଟ ଆଥଲେଟ ଭାବେ ମିଲଥସ ରଇତ ଓ ବିନ୍ଧ୍ୟା ରଇତଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ଗୋଷାଣି,୬ା୨(ସମିସ): ଗୋଷାଣି ବ୍ଲକ ପଦ୍ମପୁର ସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଗୋଷଣି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଜିଲ୍ଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଡି. ରଜନୀ କାନ୍ତ,ଡି. ମୂରଲୀ ମୋହନ, କେ. ଲିଲାରାଣି, କସ୍ତୁରୀ ବାସୂପତି, ଅଞ୍ଜନା ଦଳାଇ, ଦୂତିକା ବାସୁପତି, ଦୀପାଞ୍ଜଳି ବେହେରା, ରାଜୁ ଦୋରା, କଳ୍ପନା ପଟ୍ଟନାୟକ, ଜଗନ୍ନାଥ ପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ଶୀତ ମହୋତ୍ସବ 'ତୁଷାର'ର ଚତୁର୍ଥ ସନ୍ଧ୍ୟା

## ଆଧୁନିକ ଓ ଓଡ଼ିଶୀ ନୃତ୍ୟରେ ବିଭୋର ଦର୍ଶକ



ଜି.ଉଦୟଗିରି,୬ା୨(ସମିସ): ଜି.ଉଦୟଗିରିରେ ଚାଲିଥିବା ଶୀତ ମହୋତ୍ସବ ତୁଷାର ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଥମ ଦିନରେ କଳାହାଣ୍ଡି କଟାପା, ଦ୍ୱିତୀୟ ଦିନରେ ବର୍ଣ୍ଣାଳୀ ହୋତା, ତୃତୀୟ ଦିନରେ ଅନ୍ତରା ଚକ୍ରବର୍ତ୍ତୀଙ୍କ ଭଳି ଷ୍ଟାର କଳାକାରଙ୍କ ସୋ ପରେ ଗୁରୁବାର ହାଲୋ ଡ୍ୟାନ୍ସ ଗ୍ରୁପ ଆଧୁନିକ ନୃତ୍ୟ ପରିବେଷଣ କରିଥିବା ବେଳେ ଫୁଲବାଣୀ ନଟରାଜ କଳାପରିଷଦର କଳାକାର ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଚତୁର୍ଥ ସନ୍ଧ୍ୟାର ଆୟୋଜିତ ଉତ୍ସବ ବ୍ୟବସାୟୀ ସଙ୍ଘ ସଭାପତି ସମୀର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ଯୋଗ ଦେଇଛନ୍ତି। ସ୍ୱତନ୍ତ୍ର ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ସମାଜସେବୀ ଅବନୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଟୁନା ଦାସ, ବ୍ୟବସାୟୀ ସଙ୍ଘ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ଉପସଭାପତି କାଳୁଚରଣ ପଣ୍ଡା, ମହୋତ୍ସବ କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ ଓ ସାଧାରଣ ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ ମଞ୍ଚାସୀନ ଥିଲେ।

ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ

## 'ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ କାହାରି କ୍ଷତି କରନ୍ତୁ ନାହିଁ'



ପାରଳାଖେମୁଣ୍ଡି,୬ା୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୁଲିସ ଅଧିକାରୀ ମାଧବ ନନ୍ଦ ନାୟକ, ଆଇନସେବା ପ୍ରାଧିକରଣ ସଭାପତି ବିମଳ ରାଉଳ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରାଣରଞ୍ଜନ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଆଇନଜିବୀ ପ୍ରମୋଦ ରାଉଳ ମଞ୍ଚାସୀନ ରହି ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା କରି ଅନ୍ଧବିଶ୍ୱାସ ଦୂର କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାର ବିକାଶ ସହିତ ସଚେତନତା ହେଲେ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରତି ଲୋକେ ଦୂର ହୋଇପାରିବେ। ଜିଲ୍ଲାରେ ସମସ୍ତ ବ୍ଲକ, ପଞ୍ଚାୟତ ଓ ଗ୍ରାମରେ ସ୍ଥାନୀୟ ଜନପ୍ରତିନିଧି, ସିଡ଼ିପିଓ, ସୁପରଭାଇଜର, ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ମାଧ୍ୟମରେ ଏନେଇ ସଚେତନତା ସୃଷ୍ଟି କରାଯିବ। ଅନ୍ଧବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ, ସଚେତନ ହୁଅନ୍ତୁ, ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ କାହାରି କ୍ଷତି କରନ୍ତୁ ନାହିଁ, ଜାଣିଶୁଣି ଆଇନ୍‌କୁ ହାତକୁ ନିଅନ୍ତୁ ନାହିଁ, କାହାରିକୁ ଅପମାନିତ କିମ୍ବା ଆକ୍ରମଣ କରନ୍ତୁ ନାହିଁ ବୋଲି ଅତିଥି ମାନେ କହିଥିଲେ।

## କଂଗ୍ରେସର ଧାରଣା ଓ ଜିଲ୍ଲାପାଳଙ୍କୁ ଦାବିପତ୍ର



ପାରଳାଖେମୁଣ୍ଡି,୬ା୨(ସମିସ): ମନରେଗା ବଞ୍ଚାଅ ସଂଗ୍ରାମକୁ ନେଇ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଧାରଣା ଦେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବର୍ତ୍ତମାନ ଦେଶରେ ଡବଲ ଇଞ୍ଜିନ ସରକାର ଦ୍ୱାରା ୨୦୦୫ ମସିହାରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନକୁ ଗରିବଙ୍କ ଠାରୁ ଛଡାଇ ନେଇଛି। କେନ୍ଦ୍ର ସରକାର ନୂତନ ଭିବି-ଜିଆରଏଏମ୍-ଜି ଯୋଜନା ଏହି ଆଇନରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରୁଛି ଏବଂ କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦% ରୁ ୬୦% କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକ ଭାର ଲଦି ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ନଗର ସଭାପତି ବସନ୍ତ କୁମାର ପଣ୍ଡା, କଂଗ୍ରେସର ଏସିସେଲ୍ ସଭାପତି ପାପା ରାଓ, ଜନାର୍ଦ୍ଦନ ରାଓ, ଶ୍ରୀନିବାସ ରାଓ, ସୂର୍ଯ୍ୟ ନାରାୟଣ ପାତ୍ର, ଲମ୍ବୋଦର ଦଣ୍ଡସେନା, ପୁରୁଷୋତ୍ତମ ପାଣିଗ୍ରାହୀ, ଜାଖବ ରଇତ, ମର୍ସୁଧା ମଣ୍ଡଳ, ସଂଗ୍ରାମ ସାହୁ, ମମାଲି କାର୍ଯୀ, ଈଶ୍ୱରଚନ୍ଦ୍ର ମାଝୀ, ଜସ୍ମିନ ଶେଖ୍ ଓ ରଞ୍ଜିତା ପାଣିଗ୍ରାହୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ମୁଖ୍ୟରାସ୍ତାରେ ଗର୍ତ୍ତ; ବଢୁଛି ଦୁର୍ଘଟଣା



ପାରଳାଖେମୁଣ୍ଡି,୬ା୨(ସମିସ): ପାରଳାଖେମୁଣ୍ଡି ସହରର ଡାକ୍ତରଖାନା ରୋଡ୍ ସ୍ଥିତ ମଙ୍କାତୋଟାମ୍ମା ମନ୍ଦିର ମୁଖ୍ୟରାସ୍ତାରେ ଗର୍ତ୍ତ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏହି ରାସ୍ତାରେ ସହରକୁ ବହୁ ସଂଖ୍ୟାରେ ଯାନବାହାନ ଚଳାଚଳ କରୁଛି। ଏଠାରେ କାହିଁକି କିଏ ଗର୍ତ୍ତ କରି ଛାଡିଦେଲା ତାହା ଜଣାପଡିନଥିଲେ ମଧ ଏଥିଯୋଗୁଁ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ଉକ୍ତ ଗର୍ତ୍ତରେ ମାଟି ଭର୍ତ୍ତି ହୋଇଥିବା ଯୋଗୁଁ ସାଧାରଣରେ ଯିବା ବେଳେ ମୁଖ୍ୟରାସ୍ତାର ସମାନ୍ତର ରହିଥିବା ଦେଖାଯାଉଛି। ସମାନ୍ତର ଭାବି ଏହି ଗର୍ତ୍ତ ଉପରେ ଗଲେ କିମ୍ବା ଗାଡିରେ ଯିବା ସମୟରେ ମାଟି ଦବିଯାଉଛି। ଏଥିଯୋଗୁଁ ଦୁର୍ଘଟଣା ଘଟିବା ସହ ଚାଲିଯାଉଥିବା ପଥଚାରୀ ଆହତ ହେଉଛନ୍ତି। ତୁରନ୍ତ ଏହାର ମରାମତି ପାଇଁ ସାଧାରଣରେ ଦାବି ହେଉଛି।

## ଏଏମ୍‌ସିଏସ୍ କଲେଜର ଉଦ୍ଭିଦ ବିଜ୍ଞାନ ପାଠଚକ୍ର




ଟିକାବାଲି,୬ା୨(ସମିସ): ଟିକାବାଲି ସ୍ଥିତ ଏଏମସିଏସ ମହାବିଦ୍ୟାଳୟ ପରିସରରେ ଉଦ୍ଭିଦ ବିଜ୍ଞାନ ବିଭାଗର ଶୈକ୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। "କାୟିକ ଭୃଣ ଓ ଉଦ୍ଭିଦ ଭୃଣର ବିକାଶ' ବିଷୟବସ୍ତୁ ଉପରେ ଆୟୋଜିତ ପାଠଚକ୍ରରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅତିଥି ପ୍ରଫେସର ଡ଼. ସତୀଶ ପ୍ରସାଦ ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଷୟ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଉଦ୍ଭିଦ ବିଜ୍ଞାନ କ୍ଷେତ୍ରରେ ହେଉଥିବା ନୂତନ ଗବେଷଣା ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ଼.ଅଶୋକ କୁମାର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ସ୍ନାତକୋତ୍ତର ବିଭାଗର ଛାତ୍ର ବଳରାମ ବେହେରା ଏବଂ ଛାତ୍ରୀ ସ୍ମୃତିପ୍ରିୟା ମଲ୍ଲିକ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ଅଧ୍ୟାପକ ରବିନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ

ପାରଳାଖେମୁଣ୍ଡି,୬ା୨(ସମିସ): ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଝାମିଙ୍ଗା ନିକଟରେ ଜୁଆଆଡ୍ଡା ଚାଲିଥିବା ବେଳେ ପୁଲିସ ଅତର୍କିତ ଚଢ଼ଉ କରି ୪ ଜୁଆଡିଙ୍କୁ ଅଟକ ରଖିଛି। ୧୨ ବାଇକ ଜବତ କରାଯାଇଛି। ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ବଳରାମ ବେହେରା ସଦଳବଳ ଚଢ଼ଉ କରିଥିଲେ। ତେବେ ଉକ୍ତ ଜୁଆ ଆଡ୍ଡାରୁ କେତେ ଟଙ୍କା ଜବତ ହୋଇଛି ସୂଚନା ପ୍ରଦାନ କରାଯାଇନାହିଁ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ 'ମଞ୍ଜୀର୍' ଉଦ୍‌ଘାଟିତ




ପାରଳାଖେମୁଣ୍ଡି,୬ା୨(ସମିସ): ସେଞ୍ଚୁରିଆନ୍ ବୈଷୟିକ ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟର ପାରଳାଖେମୁଣ୍ଡି କ୍ୟାମ୍ପସରେ ଆଜି ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ ବାର୍ଷିକ ପ୍ରବନ୍ଧନ ଉତ୍ସବ "ମଞ୍ଜୀର୍-୪.୦' ଉଦ୍‌ଘାଟିତ ହୋଇଯାଇଛି। "ଇଗ୍ନାଇଟ୍' ବିଷୟବସ୍ତୁ ଉପରେ ଆଧାରିତ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରେଜିଷ୍ଟ୍ରାର୍ ଡ. ଅନିତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଆସୋସିଏଟ୍ ଡିନ୍ ଡ.ପ୍ରଜ୍ଞା ପାଣି ଆଧୁନିକ ପରିଚାଳନା ବୃତ୍ତିରେ ଆବଶ୍ୟକ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ମଞ୍ଜୀର୍ ୪.୦ର ଆବାହକ ଡ. ସୁଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶିଳ୍ପ ଅନ୍ତର୍ଦୃଷ୍ଟି ଓ ଟିଭିଏସ୍ ଅଟୋମୋବାଇଲ୍ ସଲ୍ୟୁସନ୍ସର ଗ୍ରୁପ୍ ସିଏଫ୍‌ଓ ଟି.ଆର. ଶ୍ରୀନିବାସନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଇଣ୍ଡଷ୍ଟ୍ରି ଇନସାଇଟ୍ସ ଅଧିବେଶନ। ଶ୍ରୀ ଶ୍ରୀନିବାସନ୍ ଅଟୋମୋବାଇଲ୍ କ୍ଷେତ୍ରର ଆର୍ଥିକ ଏବଂ ପରିଚାଳନାଗତ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଉଦଘାଟନ ପରେ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଟଲ୍ ସ୍ପିୟର, ଡିସରପସନ୍ ହଣ୍ଟ ଏବଂ କୁଇଜ୍ ମ୍ୟାଟ୍ରିକ୍ସ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆସନ୍ତାକାଲି ଦ୍ୱିତୀୟ ଦିନରେ ଷ୍ଟାର୍ଟ-ଅପ୍ ସ୍ପ୍ରିଣ୍ଟ, ପଜଲ୍-ଏକ୍ସ ଏବଂ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦଯାପନୀ ସମାରୋହ ହେବା କାର୍ଯ୍ୟକ୍ରମ ରହିଛି।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସୁନ୍ଦରଗଡ଼କୁ ହରାଇ ଫାଇନାଲ୍‌ରେ ସମ୍ବଲପୁର

ବାଲିଗୁଡ଼ା,୬ା୨(ସମିସ)



ବାଲିଗୁଡା ଉପଖଣ୍ଡ କ୍ରୀଡ଼ା ସଙ୍ଘ ତରଫରୁ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ସମ୍ବଲପୁର ଏଫ୍‌ସି ଓ ସୁନ୍ଦରଗଡ଼ ଦୋସ୍ତି ବ୍ରଦର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହୋଇଥିଲା। ସମ୍ବଲପୁର ଏଫ୍‌ସି ୧-୦ ଗୋଲରେ ସୁନ୍ଦରଗଡ଼ ଦୋସ୍ତି ବ୍ରଦରକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ (ଏ)ରେ ସମ୍ବଲପୁର ଏଫ୍‌ସି ଟିମର ଖେଳାଳିମାନେ ଉଦ୍‌ଘାଟନୀ ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରି ଖୋର୍ଦ୍ଧା ଡାଇମଣ୍ଡ କ୍ଲବକୁ ୪-୧ରେ ହରାଇଥିଲା। ଆସନ୍ତା ୧୧ରେ ଦଳ ଫାଇନାଲ୍ ମ୍ୟାଚ ଖେଳିବ। ତୃତୀୟ ଦିନରେ ମୁଖ୍ୟଅତିଥି ଭାବେ ବାଲିଗୁଡାର ବ୍ୟବସାୟୀ ରାଜକିଶୋର ଦାସ, ଅତିଥି ଭାବେ ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଗୋପବନ୍ଧୁ ସାହୁ, ସୁରେନ୍ଦ୍ର କୁମାର ପାତ୍ର ଓ ସଂଘର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ପାଢ଼ୀ ଯୋଗ ଦେଇଥିଲେ। ଦୀର୍ଘଦିନ ପରେ ବାଲିଗୁଡ଼ାରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଯୋଗୁ ସଂଘର ସଭାପତି ତଥା ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ ଓ ସମସ୍ତ ସଦସ୍ୟଙ୍କୁ ଅତିଥିମାନେ ଧନ୍ୟବାଦ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଡ଼. ସୁଶାନ୍ତ କୁମାର ଦାସ ଅତିଥି ପରିଚୟ, ମଞ୍ଚ ସଞ୍ଚାଳନ ଓ ଉଦ୍‌ଘୋଷକ ଭାବେ ଦାୟିତ୍ୱ ତୁଲାଉଥିଲେ। ରଞ୍ଜନ କୁମାର ନାୟକ ସହ ଉଦଘୋଷକ ଥିଲେ। କ୍ରୀଡ଼ା ସଂଘର ଶିବାନନ୍ଦ ପଟ୍ଟନାୟକ, ଏ.ଶ୍ରୀନିବାସ ଦୋରା, ମାନସ ରଞ୍ଜନ ଆଚାର୍ଯ୍ୟ, ରଞ୍ଜିତ କୁମାର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଗଙ୍ଗାଧର ପଣ୍ଡା, ଭଗବାନ ପଣ୍ଡା, ସୂର୍ଯ୍ୟ ନାରାୟଣ ସୁଆର, ସୁଜିତ କୁମାର ପାଳ, ଦିବାକର ବେହେରା, ସମୀର କୁମାର ପଟ୍ଟନାୟକ, ସୌମ୍ୟରଞ୍ଜନ ନାୟକ, ରୂପକ କୁମାର ନାୟକ, ଦେବୀ ରଞ୍ଜନ ନାୟକ, ସୁଶ୍ରୀ ପଙ୍କଜିନି ବେହେରା ଓ ରୀତାଞ୍ଜଳି ପାତ୍ର ସହାୟତା କରିଥିଲେ। ମୁଖ୍ୟ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ସହଯୋଗୀ ରେଫରୀ ଭାବେ ସୁନିଲ କୁମାର ବେହେରା, ଶମ୍ଭୁ ପ୍ରସାଦ ମଲିକ ଓ କାମାକ୍ଷାପ୍ରସାଦ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

# ନାମ ସଂଶୋଧନରୁ ବାଦ୍ ପଡ଼ିଲା ‘ବ୍ରହ୍ମପୁର’

ବ୍ରହ୍ମପୁର,୬ ।୨(ସମିସ)

ଓଡିଆ ଉଚ୍ଚାରଣ ଓ ଇଂରାଜୀ ବନାନ ମଧ୍ୟରେ ରହିଛି ଫରକ। ଯାହାକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହିତ ଏଥିରେ ସଂଶୋଧନ ବା ପରିବର୍ତ୍ତନ ହେବା ନେଇ ଦାବି ହୋଇ ଆସିଛି। ଏହି କ୍ରମରେ ‘ବ୍ରହ୍ମପୁର’ ସହରର ନାମରେ ମଧ୍ୟ ଥିବା ତ୍ରୁଟିକୁ ସଂଶୋଧନ କରିବାକୁ ଦିର୍ଘ ବର୍ଷ ଧରି ଦାବି ହେଉଛି। ରେଳଷ୍ଟେସନରେ ‘ବ୍ରହ୍ମପୁର’ ଉଲ୍ଲେଖ ଥିବାବେଳେ ମୁଖ୍ୟ ଡାକଘର ସମେତ ସହରର ପ୍ରାୟତଃ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଇଂରାଜୀରେ ‘ବେରହମପୁର’ ଲେଖାଯାଇଛି। ଯାହାକୁ ନେଇ ଖୋଦ୍ ବିଶିଷ୍ଟ ସାହିତ୍ୟିକ ଜ୍ଞାନପୀଠ ପୁରସ୍କାର ତଥା ପଦ୍ମଶ୍ରୀ ଡଃ ପ୍ରତିଭା ରାୟ ପ୍ରଶ୍ନ ଉତଥାପନ କରିଥିଲେ। ଏପରିକି ବ୍ରହ୍ମପୁର ନାମରେ ବ୍ରହ୍ମାଣ୍ଡର ସ୍ୱର୍ଶ ଅନୁଭବ ହେଉଥିବା ବେଳେ ବେରହମପୁର ଶବ୍ଦର ଅର୍ଥ ହିନ୍ଦୀରେ ନିର୍ଦ୍ଦୟ ବୋଲି କହିଥିଲେ।

ପ୍ରତିଭା ରାୟଙ୍କ ବକ୍ତବ୍ୟକୁ ନେଇ ସେତେବେଳେ ବେଶ ଚର୍ଚ୍ଚା ମଧ୍ୟ ହୋଇଥିଲା। ଏପରିକି ବ୍ରହ୍ମପୁର ନାମ ଓ ଇଂରାଜୀ ବନାନରେ ସଂଶୋଧନ କରାଯିବା ଉଚିତ ବୋଲି ମତ ଦେଇଥିଲେ ତତ୍କାଳୀନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁ। ଅପରପକ୍ଷେ ବିରୋଧୀ ଭାବେ ଥିବା ତଥା ତତ୍କାଳୀନ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଭୂତି ଭୁଷଣ ଜେନା ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟାରେ ସମସ୍ତଙ୍କ ମନର କଥାକୁ ଉଠାଇଥିବା କହି ଡଃ ପ୍ରତିଭା ରାୟଙ୍କୁ ଧନ୍ୟବାଦ ଦେଇଥିଲେ। ଏପରିକି ଏହା କେବଳ ବ୍ରହ୍ମପୁର କିମ୍ବା ଗଞ୍ଜାମ ଜିଲ୍ଲା ପାଇଁ ନୁହେଁ ବରଂ ସମଗ୍ର ଦକ୍ଷିଣଓଡିଶାବାସୀଙ୍କ ସ୍ୱାଭିମାନର ପ୍ରଶ୍ନ। ବେରହମପୁର ଶ୍ରୁତିକଟୁ ଓ ଅପଭ୍ରଂଶ ଶବ୍ଦ।




ଏଦିଗରେ ସରକାର ଚିନ୍ତା କରିବା ଉଚିତ ବୋଲି ମତ ଦେଇଥିଲେ। ଏଭଳି ପରିସ୍ଥିତିରେ ରାଜ୍ୟର ୭ଟି ଜିଲ୍ଲାର ନାମ ସମେତ ମୋଟ ୨୫ଟି ସହରର ଇଂରାଜୀ ନାମ ବା ବନାନରେ ସଂଶୋଧନ କରିବାକୁ ପ୍ରସ୍ତାବ ଆସିଛି। ଏନେଇ ଖୋଦ୍ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସର୍ବସାଧାରଣ ନୋଟିସ ଜାରି କରାଯାଇଛି।

ନୋଟିସ ଜାରି ହେବାର ୧୫ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିବାକୁ ମହଲତ ଦିଆଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ଜିଲ୍ଲା ଓ ଅନ୍ୟ ସହର ଗୁଡିକ ମଧ୍ୟରେ ମାଲକାନଗିରି ଜିଲ୍ଲାର ପଡିଆ, ଦେବଗଡ, ରିଆମାଳ, କନ୍ଧମାଳ, ଖୋରଧା, ବୋଲଗଡ, ବାଣପୁର, ଜଟଣୀ, ଅନୁଗୋଳ, ପାଲଲହଡା, ଆଠଗଡ, ସାଲେପୁର, ବଡମ୍ବା, ବାଲେଶ୍ୱର, ନୀଳଗିରି, ଆଳି,

- ■ ପୂର୍ବଭଳି ରହିବ ‘ବେରହମ୍‌ପୁର’
- ■ ରାଜନୈତିକ ଇଚ୍ଛାଶକ୍ତି ଅଭାବକୁ ଦାୟୀ କଲେ ‘ଭାଷା ଆନ୍ଦୋଳନ’ ଓ ବୁଦ୍ଧିଜୀବୀ
- ■ ହାତରେ ୧୫ଦିନର ସମୟ ଥିବାବେଳେ ସ୍ୱର ଉତ୍ତୋଳନ କରିବାକୁ ଦାବି

କେନ୍ଦ୍ରାପଡା, ମହାକାଳପଡା, କେନ୍ଦୁଝର, ବଡବିଲ, କେନ୍ଦୁଝରଗଡ, ରେଢାଖୋଲ, ନୟାଗଡ ଓ ଦଶପଲ୍ଲା ଆଦି ତାଲିକା ଭୁକ୍ତ କରାଯାଇଛି। ତେବେ ଏହି ତାଲିକାରୁ ବ୍ରହ୍ମପୁର ସହରର ନାମରେ ଥିବା ବନାନ ଗତ ତ୍ରୁଟିକୁ ସୁଧାରିବାର ଆବଶ୍ୟକତା ଥିଲେ ହେଁ ଏହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ବ୍ରହ୍ମପୁର ସହରର ନାମ ଇଂରାଜୀରେ ପୂର୍ବଭଳି ବେରହମପୁର ରହିବା ଏକ ରକମର ଥୟ। ଏବଂ କେଉଁଠି ବ୍ରହ୍ମପୁର ତ ଆଉ କେଉଁଠି ବେରହମପୁର ଲେଖାଯିବ। ଏଭଳି ସ୍ଥିତିକୁ ନେଇ ଭାଷା ଆନ୍ଦୋଳନର ରାଜ୍ୟ ସଭାପତି ଡାକ୍ତର ସାଗର ରଂଜନ ତ୍ରିପାଠୀ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିଭଳି ଯୁବ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଭୟେ ଏନେଇ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ରହ୍ମପୁରକୁ ତୁରନ୍ତ ତାଲିକାଭୁକ୍ତ କରିବାକୁ ଦାବି କରିବା ସହ ଏନେଇ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦାୟୀ କରିଛନ୍ତି। ସେପଟେ ଘଟଣାକୁ ନେଇ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ମଧ୍ୟ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ତାଙ୍କର କହିବା କଥା ହେଲା ଗୋଟିଏ ସରରର ନାମକୁ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ଉଲ୍ଲେଖ କରାଯିବା ଶୋଭନୀୟ ନୁହେଁ। ଏଣୁ ଏହାକୁ ସରକାରୀ ଭାବେ ସଂଶୋଧନ କରାଯିବା ଉଚିତ। ଏଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି। ସେପଟେ ଏହି ପ୍ରସଙ୍ଗରେ ପୂର୍ବରୁ ନିଜେ ବିଭୂତି ଜେନା ନିଜର ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ବର୍ତ୍ତମାନ ସେ ନିଜେ ରାଜ୍ୟ ସରକାରଙ୍କ ଜଣେ କ୍ୟାବିନେଟ ମନ୍ତ୍ରୀ। ଏକ୍ଷେତ୍ରରେ ସରକାର ବ୍ରହ୍ମପୁରକୁ ଅବହେଳା ପ୍ରଦର୍ଶନ କରିଥିଲେ ହେଁ ତାଙ୍କର ସ୍ୱର ନରମିଯିବା ଚିନ୍ତା ଓ ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଭଞ୍ଜନଗର,୬ ।୨(ସମିସ): ସ୍ଥାନୀୟ ପିଏମଶ୍ରୀ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସୁବଳ ଚନ୍ଦ୍ର ଭୂୟାଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା, ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସରପଞ୍ଚ ଲକ୍ଷଣ ନାୟକ, ସନାତନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାସ, ଅଧ୍ୟକ୍ଷ ବୈଜନ୍ତିମାଳା ପ୍ରିୟଦର୍ଶନୀ, ଉମାକାନ୍ତ ନାହାକ ଯୋଗ ଦେଇ ବାର୍ଷିକ ଉତ୍ସବର ଆବଶ୍ୟକତା, ଅଭିଭାବକ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ ଉପରେ କହିଥିଲେ। ବରିଷ୍ଠ ଶିକ୍ଷକ ହୃଷିକେଶ ନାୟକ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଟଳ କଲ୍ୟାଣ ମଣ୍ଡପର ଭୂମି ପୂଜନ



ରମ୍ଭା,୬ ।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ହରିପୁର ବୁରୁଡି ଗ୍ରାମରେ ବିଧାୟକ ପାଣ୍ଠିରୁ ୪୦ ଲକ୍ଷ ବ୍ୟୟରେ ଏକ ଅଟଳ କଲ୍ୟାଣ ମଣ୍ଡପର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୋହିତ ପଣ୍ଡିତ ନିତ୍ୟାନନ୍ଦ ଦାଶ ରହିଥିବା ବେଳେ କର୍ତ୍ତା ରୁପେ ନିରଞ୍ଜନ ନାହାକ ଓ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ ଥିଲେ। କାର୍ଯ୍ୟକ୍ରମ ସଂଚାଳନରେ ଗ୍ରାମ୍ୟ କମିଟି ସଭାପତି ରାଜକିଶୋର ନାହାକ, ସମ୍ପାଦକ ସଞ୍ଜୟ କୁମାର ନାହାକ ମୁଖ୍ୟାଂଶରେ ରହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ବିଷ୍ଣୁପ୍ରସାଦ ସିଂ ଦେଓ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଏସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମୀରାଣୀ ମହାପାତ୍ର, ପୂର୍ବତନ ସରପଞ୍ଚ ଭାରତୀ ନାୟକ, ରାମଗଡ଼ ସରପଞ୍ଚ ପ୍ରତିନିଧି ବିକ୍ରମ ଦାସ, ନାରାୟଣ ନାହାକ, ଭଗବାନ ନାୟକ, ମନ୍ମଥ ନାହାକ, ବଂଶୀଧର ନାହାକ, ପ୍ରଭାକର ନାହାକ, ବିଜୟ ନାହାକ, ଇନ୍ଦ୍ରମଣୀ ଦଳେଇ, କାହ୍ନୁ ରଣା, ଲକ୍ଷ୍ମୀ ରଣା, ରବୀନ୍ଦ୍ର କୁମାର ନାହାକ, ୱାର୍ଡ ମେମ୍ବର ଓ କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ନାହାକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରମ୍ଭା,୬ ।୨(ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ପିଏମ୍‌ଶ୍ରୀ ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଅତିଥି ମାନଙ୍କୁ ପାଛୋଟି ନେଇଥଲେ। ଖେଳ ଶିକ୍ଷକ ମିଥୁନ ଦେହୁରୀ ଓ ନାରାୟଣ ସାହୁ ଛାତ୍ର ଛାତ୍ରୀଙ୍କ ମିଳିତ ପ୍ୟାରେଡର ମଞ୍ଚାସିନ ବ୍ୟକ୍ତି ମାନେ




ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିବାଦନ ଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଭଞ୍ଜ କିଶୋର ବିଶ୍ୱାଳଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସନ୍ଧ୍ୟା ରାଣୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଦାସ, ମନିଷା ବିଶ୍ୱାସ, ମୋନାଲିସା ରଥ, ଅରୁଣ କୁମାର ବେହେରା, ଦିଲ୍ଲୀପ କୁମାର ବେହେରା, ରୋଜାଲିନ ନାହାକ, ସଞ୍ଜୟ କୁମାର ସାହୁ, ପ୍ରମୋଦ କୁମାର ରଥ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଶ୍ରୀଅରବିନ୍ଦଙ୍କ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବୁଗୁଡା,୬ ।୨(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୯ତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ର ସଭାପତି ୟୁ. ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆବାହକ ଶଶଧର ବେହେରା, କଳପଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିକାଶ ରଞ୍ଜନ ପରିଡା, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରତ୍ନପ୍ରଭା ଦାସ, ମାତୃପ୍ରେମୀ କୀର୍ତ୍ତନ ପ୍ରଧାନ, ଆର୍ଯ୍ୟ ସମାଜ ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ କରି ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲା ବେଳେ ଉପଦେଷ୍ଟା ପ୍ରଫୁଲ୍ଲ ପାଢୀ, ସମ୍ପାଦକ ପ୍ରଭାତ ଦାସ ମଞ୍ଚାସୀନ ରହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପଠନ, ଶିକ୍ଷୟିତ୍ରୀ ରଶ୍ମିତା ପାଢୀ ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷକ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଆରଡ଼ିସିଙ୍କୁ ଦାବିପତ୍ର



ବ୍ରହ୍ମପୁର,୬ ।୨(ସମିସ): ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡ଼ିସି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ଜିଲ୍ଲା ସଭାପତି(ପୂର୍ବ) ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସ୍ଥାନୀୟ ବାପୁଜୀ ଆଶ୍ରମରୁ ଏକ ଶୋଭାଯାତ୍ର କରି ଆରଡ଼ିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ଜଣାଇଥିଲେ। ବର୍ତ୍ତମାନ ଦେଶରେ ଡବଲ ଇଞ୍ଜିନ ସରକାର ଦ୍ୱାରା ୨୦୦୫ ମସିହାରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନକୁ ଗରିବଙ୍କ ଠାରୁ ଛଡ଼ାଇ ନେଇ ଭିବି-ଜିଆରଏଏମ୍-ଜି ଯୋଜନା କରିଛନ୍ତି। ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରୁଛି ଏବଂ କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦%ରୁ ୬୦% କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକ ଭାର ଲଦି ଦିଆଯାଇଥିବା ଅଭିଯୋଗ କରାଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଲିଙ୍ଗରାଜ ହାଇସ୍କୁଲର ବାର୍ଷିକ ଉତ୍ସବ

ପୋଲସରା,୬ ।୨(ସମିସ): ପୋଲସରା ବ୍ଲକ ସାନବରଗାଁ ସ୍ଥିତ ଲିଙ୍ଗରାଜ ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୋଲସରା ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ଇନ୍ଦିରାମଣୀ ପଟ୍ଟନାୟକ, ଦଣ୍ଡପାଣି ପ୍ରଧାନ, ପିତାମ୍ବର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ବିଶ୍ୱନାଥ ସାହୁ, ସମିତିସଭ୍ୟା ଉଷାରାଣି ସାହୁ, ବର୍ତ୍ତିନି ହାଇସ୍କୁଲ ପ୍ରଧାନ ଶିକ୍ଷକ ରଏନ କୁମାର ସାହୁ ସମେତ ବହୁ ବୁଦ୍ଧିଜୀବୀ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲିଙ୍ଗରାଜ ହାଇସ୍କୁଲର କ୍ରୀଡା ଶିକ୍ଷକ ଅଭିମନ୍ୟୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଡାକ୍ତର ସାହୁ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କୃତୀ ପ୍ରତିଯୋଗୀ ଓ ଛାତ୍ରଛାତ୍ରୀଙ୍କ ଅତିଥି ମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

## ‘ମନରେଗା’ ବଞ୍ଚାଅ ସଂଗ୍ରାମ
## କଂଗ୍ରେସର ଗଣଧାରଣା ଓ ପ୍ରତିବାଦ ସଭା




ଭଞ୍ଜନଗର,୬ ।୨(ସମିସ): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରି ଏଥିରୁ ମହାତ୍ମା ଗାନ୍ଧୀଙ୍କ ନାଁକୁ ହଟାଇ ଏହାକୁ ଭିବି-ଜୀ-ରାମଜୀ ଯୋଜନା ନାମରେ କାର୍ଯ୍ୟକାରୀ କରିବା ପଛରେ ବିଜେପିର ଯେଉଁ ଘୃଣ୍ୟ ରାଜନୀତି ରହିଛି ତାର ପ୍ରତିବାଦରେ ସାରା ଦେଶରେ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲା ସ୍ତରରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଆୟୋଜନ କରାଯାଇଛି। ଭଞ୍ଜନଗର ଠାରେ ଗଞ୍ଜାମ (ପଶ୍ଚିମ) ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ କଟାକ୍ଷ କରିଥିଲେ। କଂଗ୍ରେସ ଶାସନ ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ନାମ ପରିବର୍ତ୍ତନ କରି କେବଳ ବିଜେପି ହୀନ ରାଜନୀତି କରୁଛି ବୋଲି ସାନଖେମୁଣ୍ଡି ବିଧାୟକ ଜେନା ଉଲ୍ଲେଖ କରିବା ସହ ମହାତ୍ମାଗାନ୍ଧୀଙ୍କ ନାଁରେ ଚାଲିଥିବା ଯୋଜନା ରେ ପୁଣିଥରେ ବାପୁଙ୍କ ନାଁ ଯୋଡାଯିବା ଯାଏଁ ଏହି ଆନ୍ଦୋଳନ ଦେଶବ୍ୟାପୀ ଚାଲିବ ବୋଲି ଉଲ୍ଲେଖ କରିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ବିଧାୟକ ରମେଶ ଜେନା ଭଞ୍ଜନଗର ଠାରେ ପହଞ୍ଚିବା ପରେ ବାଉଁଶଲୁଣ୍ଡି ବାଇପାସ୍ ଛକରୁ ଭଞ୍ଜନଗର କଂଗ୍ରେସ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଯୁବନେତା କୁଲୁ ଭୂୟାଁଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ପରେ ସାନଖେମୁଣ୍ଡି ବିଧାୟକଙ୍କ ସମେତ କୁଲୁ ଭୂୟାଁ, ଦେବକାନ୍ତ ଶର୍ମା, ସୁରଭି ବିଷୋୟୀ, ହରିକୃଷ୍ଣ ରଥ, ଖଲିକୋଟରୁ ଚିତ୍ରସେନ ବେହେରା, ନିକୁଞ୍ଜ ଖଣ୍ଡୁଆଳ, ବିଦ୍ୟାଧର ପ୍ରଧାନଙ୍କ ସମେତ ଏକ ୧୨ ଜଣିଆ ପ୍ରତିନିଧି ମଣ୍ଡଳ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଖଲ୍ଲିକୋଟ ଘାଟିରେ ଓଲଟିଲା ଟ୍ରକ୍

ଖଲ୍ଲିକୋଟ,୬ ।୨(ସମିସ): ଦୁର୍ଘଟଣାର ବ୍ଲାକ୍‌ସ୍ପଟ୍ ପାଲଟିଥିବା ଖଲ୍ଲିକୋଟ ବଡ଼ ଘାଟିରେ ପୁଣି ଶୁକ୍ରବାର ଘଟିଛି ଦୁର୍ଘଟଣା। ଭାରସାମ୍ୟ ହରାଇ କଲଭର୍ଟକୁ ଧକ୍କା ଦେଇ ଓଲଟି ପଡ଼ିଛି ପେପର ରୋଲ୍ ବୋଝେଇ ଟ୍ରକ। ଶୁକ୍ରବାର ସକାଳେ ଏକ ପେପର ରୋଲ୍ ବୋଝେଇ ଟ୍ରକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ବଡ଼ ଘାଟିରେ କଲଭର୍ଟକୁ ଧକ୍କା ଦେଇ ଓଲଟି ପଡିଥିଲା। ଟ୍ରକ ଚାଳକ ଓ ହେଲ୍‌ପର ସାମାନ୍ୟ ଆହତ ହୋଇଥିବା ବେଳେ ଟ୍ରକଟିର ସମ୍ମୁଖ ଭାଗ ଚୁର୍‌ମାର ହୋଇଯାଇଛି। ହାଇୱେ ପାଟ୍ରୋଲିଂ ପୁଲିସ ଓ ଖଲ୍ଲିକୋଟ ଥାନା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରକଟି ରାସ୍ତା ଉପରେ ଓଲଟି ପଡ଼ିଥିବାରୁ ବ୍ରହ୍ମପୁରରୁ ଭୁବନେଶ୍ୱରକୁ ଯିବା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପେପର ରୋଲ୍ ଗୁଡ଼ିକ ଭୁବନେଶ୍ୱରରୁ ଆସିକାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପଡ଼ିଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଅନ୍ୟପଟେ ବଡ଼ ଘାଟିର ଏହି ସ୍ଥାନ ଦୁର୍ଘଟଣାର ହବ୍ ପାଲଟି ଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଖଲ୍ଲିକୋଟ ଥାନା ଅଞ୍ଚଳ ଦୁର୍ଘଟଣା ସଂଖ୍ୟାରେ ସର୍ବୋଚ୍ଚ ସ୍ଥାନରେ ରହିଥିବା ଜଣାପଡ଼ିଛି। ଜାତୀୟ ରାଜପଥ ନିର୍ମାଣରେ ବୈଷୟିକ ତ୍ରୁଟି ଥିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ନଜିର ରହିଛି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ୧୫୭ ହିତାଧିକାରୀଙ୍କୁ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ



ଛତ୍ରପୁର,୬ ।୨(ସମିସ): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଭିକାରିପଲ୍ଲୀ ପଞ୍ଚାୟତ ଦନେଇ ବ୍ରହ୍ମପୁର ଗ୍ରାମବାସୀଙ୍କ ବହୁବର୍ଷର ଆଶା ଅଭିଳାଶ ପୂରଣ ହୋଇଛି। ଗ୍ରାମର ୧୫୭ ଜଣ ହିତାଧିକାରୀଙ୍କୁ ଘରବାରୀ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ କରାଯାଇଛି। ଭିକାରିପଲ୍ଲୀ ପଞ୍ଚାୟତ ସରପଞ୍ଚ ମମତା ସୁବୁଦ୍ଧିଙ୍କ ପ୍ରଚେଷ୍ଟାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ କରକମଳରେ ଗ୍ରାମର ସମସ୍ତ ହିତାଧିକାରୀଙ୍କୁ ଏହି ଘରବାରି ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ଏନ୍. ରବି ପ୍ରଧାନ, ପୂର୍ବତନ ସମିତିସଭ୍ୟ ମଥୁରାଚରଣ ସୁବୁଦ୍ଧି ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ସମିତିସଭ୍ୟା ଏନ୍.କାନ୍ତା ପାତ୍ର, ଯୁବ ନେତା ନୀଳକଣ୍ଠ ଦାଶ,ଏନ ମୁନା ପାତ୍ର, ସମ୍ପଦ ନାହାକ, ସୁପ୍ରଭାଇଜର ଇତିମୟ ବେହେରା, ଆରଆଇ ରଶ୍ମିତା ତରାଇ, ଅମିନ ମାମାଲି ମାଳିଙ୍କ ଗ୍ରାମବାସୀ ଉପସ୍ଥିତ ଥିଲେ। ଦନେଇ ବ୍ରହ୍ମପୁର ଗ୍ରାମ ପାଇଁ ଆଜି ଏକ ଐତିହାସିକ ଦିନ ବହୁବର୍ଷର ସ୍ୱପ୍ନ ସାକାର ହୋଇଛି। ନିଜ ଘରର ପଟ୍ଟା ନଥିବାରୁ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ପିଲାମାନଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଜରୁରୀ ପ୍ରମାଣପତ୍ର ପାଇଁ ଘରର ପଟ୍ଟା ଯେଭଳି ନିତାନ୍ତ ଆବଶ୍ୟକ ପଡୁଥିଲା। ତାହାରି ଅନ୍ତ ଘଟିଛି। ଭିକାରିପଲ୍ଲୀ ସରପଂଚ ମମତା ସୁବୁଦ୍ଧି, ତାଙ୍କ ସ୍ୱାମୀ ମଥୁରା ଚରଣ ସୁବୁଦ୍ଧିଙ୍କ ପ୍ରଚେଷ୍ଟାରେ ପ୍ରଶାସନର ସହଯୋଗରେ ଆଜି ବିଧାୟକଙ୍କ ଜରିଆରେ ଆମ୍ଭ ଗ୍ରାମବାସୀଙ୍କୁ ଘରବାରି ଗ୍ରାମକଣ୍ଟକ ପଟ୍ଟା ମିଳିଛି। ଏଣୁ ଗ୍ରାମର ଭଦ୍ରବ୍ୟକ୍ତି ପ୍ରଭାକର ବେହେରା, ଅଲେଖ ବେହେରା, ଅଙ୍ଗତ ସେଠୀ ଓ ଜୟନାଥ ବେହେରା ପ୍ରମୁଖ ଗ୍ରାମବାସୀଙ୍କ ତରଫରୁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଶେଷ ଭାବେ କୃତଜ୍ଞତା ଜଣାଇଛନ୍ତି।

## ସାମାଜିକ ବାସନ୍ଦ ପ୍ରତିବାଦରେ ପୁଅ ସହ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା’



ଛତ୍ରପୁର, ୬ ।୨(ସମିସ): ଗଞ୍ଜାମ ଜିଲ୍ଲାରେ ସାମାଜିକ ବାସନ୍ଦ ଭଳି କୁପ୍ରଥାକୁ ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସହିତ କାର୍ଯ୍ୟ କରାଯାଉଥିବା ବେଳ ଏବେ ବି ଥମିବାର ନାଁ ନେଉନି। ଏବେ ଆଉ ଏକ ସାମାଜିକ ବାସନ୍ଦ ଘଟଣା ଦେଖିବାକୁ ମିଳିଛି ରମ୍ଭା ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ। ପଣିବନ୍ଧ ଗ୍ରାମର ବିଧବା ମା’ ଡି. ଲକ୍ଷ୍ମୀ ଏବଂ ତାଙ୍କ ପୁତ୍ର ଡି. ଚିନ୍ତାମଣିଙ୍କୁ ଅଖିଳ ଉତ୍କଳ ଅଗ୍ନି କୂଳ କ୍ଷତ୍ରୀୟ ଜାତିସଂଘ ମଲାଡ଼ ମଣ୍ଡଳ ପକ୍ଷରୁ ବାସନ୍ଦ କରାଯାଇଥିବା ନେଇ ସେମାନେ ଅଭିଯୋଗ କରିବା ସହିତ ଶୁକ୍ରବାର ଉଭୟ ମା’ ଓ ପୁଅ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଏସପିଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସେମାନେ ଉକ୍ତ ନିବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଜମିଜମାକୁ କେନ୍ଦ୍ରକରି ଡି. ଲକ୍ଷ୍ମୀଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଫଳରେ ସେମାନେ ବହୁତ ଅସୁବିଧା ଏବଂ ମାନସିକ ଚିନ୍ତାରେ ରହି ଆସୁଛନ୍ତି। ଏନେଇ ପୂର୍ବରୁ ସେମାନେ ରମ୍ଭା ଥାନାରେ ଅଭିଯୋଗ କରି ଘଟଣା ସମ୍ପର୍କ ଜଣାଇଥିଲେ ମଧ୍ୟ ସେମାନଙ୍କ କୌଣସି ସମସ୍ୟା ର ସମାଧାନ ହୋଇନାହିଁ।

## ଶ୍ମଶାନ ନିକଟରେ ଫ୍ଲାଏଓଭର ନିର୍ମାଣ ଦାବି



ଛତ୍ରପୁର,୬ ।୨(ସମିସ): ଛତ୍ରପୁର ଜାତୀୟ ରାଜପଥ ସଂଲଗ୍ନ ପାଲିଆ ଛତ୍ରପୁର ଶ୍ମଶାନ ନିକଟରେ ଏକ ଫ୍ଲାଏଓଭର ନିର୍ମାଣ କରିବା ନେଇ ଦାବି ହୋଇଛି। ଏନେଇ ଛତ୍ରପୁର ଏନଏସିର ବହୁ ଜନପ୍ରତିନିଧି ସମ୍ବଳିତ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କୁ ପ୍ରଦାନ କରାଯାଇଛି। ଛତ୍ରପୁର ଏନଏସିର ୮ଗୋଟି ୱାର୍ଡ ଏବଂ ଭଗ୍ୟଲକ୍ଷ୍ମୀନଗର ସମେତ ବିଭିନ୍ନ ଗ୍ରାମ କୌଣସି ବ୍ୟକ୍ତିଙ୍କ ଦେହାନ୍ତ ହେଲେ ସେଠାରେ ଥିବା ଶ୍ମଶାନକୁ ନେଇଥାନ୍ତି। ଏହି ଶ୍ମଶାନକୁ ନେବାକୁ ହେଲେ ଜାତୀୟ ରାଜପଥ ଦେଇ ଯିବାକୁ ପଡିଥାଏ, ଯାହାଫଳରେ କିଛି ନା କିଛି ଦୁର୍ଘଟଣା ଘଟିଥାଏ, ଏହାସହ ଜିଏନ ପାଲାମ, ଭାଗ୍ୟଲକ୍ଷ୍ମୀନଗର ଗ୍ରାମବାସୀ ଦୈନିଦିନ ଜୀବିକା ଓ ଜୀବନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ସେବା ପାଇବାକୁ ହେଲେ ସେଠାରେ ଥିବା ଜାତୀୟ ରାଜପଥ ପାର ହୋଇ ସହରକୁ ଆସିବାକୁ ପଡିଥାଏ। ତେଣୁ ବିଭିନ୍ନ ସମସ୍ୟା ଓ ସର୍ବସାଧରଣଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ପାଲିଆ ଛତ୍ରପୁର ଓ ଦେବୀନଗର ମଧ୍ୟରେ ଏକ ଫ୍ଲାଏଓଭର ନିର୍ମାଣ ଦାବି କରାଯାଇଛି। ଏହାର ନକଲ ବ୍ରହ୍ମପୁର ସାଂସଦ, ଛତ୍ରପୁର ବିଧାୟକ ଓ ପିଡିଏନଏଚଏଆଇଙ୍କୁ ମଧ୍ୟ ଦିଆଯାଇଥିବା କୁହାଯାଇଛି।

